# ନ୍ୟାୟ ଦାବିରେ ଡାକ୍ତରଙ୍କ ପ୍ରତିବାଦ

## କୋଲକାତା ମହିଳା ଡାକ୍ତରଙ୍କୁ ବଳାତ୍କାର ହତ୍ୟା ଘଟଣା

ରାୟଗଡ଼ା/ବିଷମକଟକ/ଟିକିରି,୧୭।୮ (ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

କୋଲକାତାର ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଓମସାର ଡାକରାରେ ରାୟଗଡାରେ ଡାକ୍ତରମାନେ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଓ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛନ୍ତି। ଡାକ୍ତରମାନେ ଅକ୍ଳାନ୍ତ ପରିଶ୍ରମ କରି ରୋଗୀଙ୍କ ସେବା କରୁଛନ୍ତି । ସେମାନଙ୍କ ସୁରକ୍ଷା



ରାୟଗଡ଼ା

ପାଇଁ ସ୍ୱତନ୍ତ୍ର ଆଇନ କରିବାକୁ ଦାବି କରାଯାଇଛି। କୋଲକାତା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପୀଡିତା ମହିଳା ଡାକ୍ତରଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି ହୋଇଛି। ରବିବାର ସକାଳ ୬ଟା ଯାଏ ଡାକ୍ତରମାନେ କଳାବ୍ୟାଜ



ବିଷମ କଟକ



ଟିକିରି

ପରିଧାନ କରି ରୋଗୀ ସେବା କରିବେ। ଡାକ୍ତର ବି.ଏଲ.ଏନ.ପୃଷ୍ଟି, ଡାକ୍ତର ବରଦାକାନ୍ତ ମିଶ୍ର, ଡାକ୍ତର ରଞ୍ଜନ ସାହୁ, ଡାକ୍ତର ଗୌତମ ପଟ୍ଟନାୟକ, ଡାକ୍ତର କୁଣ୍ଡୁ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ।

କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ ଡ଼ାକ୍ତରମାନଙ୍କ ସୁରକ୍ଷା ଦାବି କରିଛନ୍ତି। ଛାତ୍ରୀଙ୍କୁ ହତ୍ୟା କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷ ପଦବୀରୁ ଇସ୍ତଫା ଦେବା, ଘଟଣାର ତଦନ୍ତରେ ସ୍ୱଚ୍ଛତା ଅବଲମ୍ବନ କରିବା, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ପ୍ରଦାନ ଭଳି ଦାବି ନେଇ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ।

ସେହିଭଳି ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଡାକ୍ତମାନେ ଶାନ୍ତିପୂର୍ଣ୍ଣଭାବେ କୋଲମାତା ଘଟଣାର ପ୍ରତିବାଦ କରି ଧାରଣା ଦେଇଛନ୍ତି। ଖ୍ରୀଷ୍ଟିଆନ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁନୀଲ ଚନ୍ଦ୍ର ଜିବନ ମାଲ, ଡାକ୍ତର କୀର୍ତ୍ତି, ଡାକ୍ତର ପ୍ରଜ୍ଞା, ଡାକ୍ତର ନିଖିଳ ରାଜୁ, ସମସ୍ତ ଡାକ୍ତର, ନର୍ସ ଓ ଷ୍ଟାଫ ପୀଡ଼ିତାଙ୍କୁ ନ୍ୟାୟ ଦାବି ଓ ଦୋଷୀଙ୍କୁ ଦଣ୍ଡ ଦେବା ଦାବି କରିଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ହସ୍ପିଟାଲ ସମ୍ମୁଖରେ ସମସ୍ତ ଡାକ୍ତର ଓ ଷ୍ଟାଫ ବସ ପ୍ରତିବାଦ କରିଛନ୍ତି। ଡାକ୍ତର, ନର୍ସଙ୍କୁ ସୁରକ୍ଷା ଓ ପୀଡିତା ମହିଳା ଡାକ୍ତରଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବି କରାଯାଇଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ, ୧୦ ହଜାର ଜରିମାନା

## ନାବାଳିକା ବଳାତ୍କାର ଉଦ୍ୟମ ମାମଲା

ରାୟଗଡ଼ା,୧୭।୮(ଆଶିଷ ରଞ୍ଜନ ପଣ୍ଡା)

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ଶନିବାର ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି ରାୟଗଡ଼ା ପକ୍‌ସୋ କୋର୍ଟ ଜଜ୍ ଶ୍ୱେତା ମିଶ୍ର। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ନେଇ ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ଜଣକ ହେଲେ ରାୟଗଡ଼ା ସହର ଆମ୍ବାଗୁଡ଼ା ଗ୍ରାମ ହରିଜନ ସାହିର ବୁଡୁ ବାଗ(୩୨)।

ପ୍ରକାଶ ଯେ, ବଳାତ୍କାର ଉଦ୍ୟମ ଘଟଣା ନେଇ ୨୦୧୯ ସେପ୍ଟେମ୍ବର ୭ରେ ରାୟଗଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ବୁଡୁ ଗିରଫ ହୋଇଥିଲେ। ଏତଲା ଅନୁସାରେ ସେପ୍ଟେମ୍ବର ୭ତାରିଖ ଅପରାହ୍ନରେ ନାବାଳିକାଙ୍କ ଘରୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହୋଇଯିବାରୁ ଅଭିଯୋଗକାରୀ(ନାବାଳିକାଙ୍କ ମାଆ) ବୁଡୁଙ୍କୁ ଘରକୁ ଡାକିଥିଲେ। ବୁଡୁ ବିଦ୍ୟୁତ୍ କାମ କରିବା ପାଇଁ ଘରକୁ ଆସିବା ବେଳେ ଅଭିଯୋଗକାରୀ ଘର ସମ୍ମୁଖରେ ବସି ଚାଉଳ ବାଛୁଥିଲେ। ବୁଡୁ ଘର ଭିତରକୁ ଯାଇ କବାଟ ବନ୍ଦକରି କାମ କରିବା ବଦଳରେ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ତେବେ ଚାଉଳ ବାଛିବା ପରେ ଘର ସମ୍ମୁଖ କବାଟ ନ ଖୋଲିବାରୁ ବାଡ଼େଇ ଥିଲେ। ଏହି ସମୟରେ ବୁଡୁ ଘର ପଛପଟ ଦେଇ ଫେରାର ହୋଇଯାଇଥିଲେ। ଏହାପରେ ନାବାଳିକା ଘର କବାଟ ଖୋଲି ମାଆଙ୍କୁ ସମସ୍ତ ଘଟଣା କହିଥିଲେ। ଏହାପରେ ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଘଟଣାର ତଦନ୍ତ କରି ରାୟଗଡ଼ା ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସରକାରୀ ଓକିଲ ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ ।

# ଲୁଟ୍ ଘଟଣା, ୩ ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତମାନେ।

ଟିକିରି/କାଶୀପୁର, ୧୭।୮ (ପ୍ରଫୁଲ୍ଲ କୁମାର ବେହେରା/ମୋହନ ନାଏକ)

ରାୟଗଡା ଜିଲା କାଶୀପୁର ପୋଲିସ ଏକ ଲୁଟ୍ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୯ ହଜାର ଟଙ୍କା ଏବଂ ଅପରାଧ ସମୟରେ ବ୍ୟବହୃତ ବାଇକ ଜବତ କରାଯାଇଥିବା କାଶୀପୁର ପୋଲିସ ସୂଚନା ଦେଇଛି।

ଭାରତ ଫାଇନାନ୍ସ ଇନକ୍ଲୁସନ୍ ଲିମିଟେଡ୍ ଟିକିରିରେ ସଙ୍ଗମ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ଦେବାଶିଷ ହିଆଲ୍ ତାଙ୍କ ସହକର୍ମୀଙ୍କ ସହ ଗ୍ରୁପ୍ ଲୋନ ଟଙ୍କା ସଂଗ୍ରହ କରିବାକୁ ମାଣ୍ଡିବିସି ଯାଇଥିଲେ। ଅପରାହ୍ନ ୨ ଟାରେ ମାଣ୍ଡିବିସିରୁ ଟଙ୍କା ସଂଗ୍ରହ କରି ବାଇକରେ କାଶୀପୁର ଫେରିବା ବାଟରେ, ରାସ୍ତାରେ ଥିବା ନିଛାଟିଆ ସ୍ଥାନରେ ସୁଯୋଗ ନେଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପରେ ଜଙ୍ଗଲକୁ ନେଇ ସେମାନଙ୍କଠାରୁ ନଗଦ ୬୬, ୧୩୪ ଏବଂ ବାଇକ୍ ଓ ମୋବାଇଲ୍ ଫୋନ୍ ନେଇଯାଇଥିଲେ। କିଛି ଦୂରରେ ବାଇକ୍ ଓ ଫୋନ ଅଳ୍ପ ଦୂରରେ ଛାଡି କେବଳ ନଗଦ ଟଙ୍କା ନେଇଯାଇଥିଲେ। ଏନେଇ କର୍ମଚାରୀମାନେ କାଶୀପୁର ଥାନାରେ ଏତଲା ଦେବାପରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ କାଶୀପୁର ବ୍ଲକ ଅଞ୍ଚଳର ହୋଇଥିବାବେଳେ ରାୟଗଡ଼ା ଜିଲାର ଅନେକ ଡକାୟତି ମାମଲାରେ ସେମାନଙ୍କ ସମ୍ପୃକ୍ତି ରହିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା କାଶୀପୁର ପୋଲିସ ସୂଚନା ଦେଇଛି। ରାୟଗଡା ଏସ୍‌ପିଙ୍କ ତତ୍ତ୍ୱାବଧାନରେ କାଶୀପୁର ଥାନାଧିକାରୀ ସୂର୍ଯ୍ୟପ୍ରକାସ ନାୟକ,ଏସ୍‌ଆଇ ପ୍ରଶାନ୍ତ କୁମାର ସ୍ୱାଇଁ, ବିକାଶ ପଟେଲ, ପ୍ରଦୀପ ସେଠୀ ପ୍ରମୁଖ ତଦନ୍ତରେ ସହଯୋଗ କରିଥିଲେ।

# ଶେଫାଳି ପାହାଡ଼ ରାସ୍ତା ହିଲ୍ ମ୍ୟାନେଜମେଣ୍ଟ ପ୍ଲାନ୍‌ରେ ନିର୍ମାଣ ଦାବି

ଗୁଣପୁର, ୧୭।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଶେଫାଳି ପାହାଡ଼ର ସୌନ୍ଦର୍ଯ୍ୟକରଣ ଓ ରାମେଶ୍ୱର ମନ୍ଦିରର ବିକାଶ ନିମନ୍ତେ ଅନେକ ବୁଦ୍ଧିଜୀବୀ, ସମାଜିକ କର୍ମୀ, ରାଜନେତା ଓ ମନ୍ଦିର କମିଟି ବିଭିନ୍ନ ସମୟରେ ଦାବି କରିବା ପରେ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିଲେ । ବର୍ତ୍ତମାନ ଏହାର ଉନ୍ନତି କରଣ କାର୍ଯ୍ୟ ଚାଲୁ ରହିଛି । ବିଭାଗୀୟ ଦୂରଦୃଷ୍ଟି ଅଭାବ ଓ କାମଚଳା ନୀତି ଯୋଗୁ ପାହାଡ଼ ରାସ୍ତାର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନ ଉଠିଛି । ପାହାଡ଼ ରାସ୍ତା ପାର୍ଶ୍ୱରେ ଅନେକ ଗଛ କାଟିବା ଏବଂ ମେଶିନ ସାହାଯ୍ୟରେ ଗଛଗୁଡିକ ଉପାଡିବା ଫଳରେ ବର୍ଷା ଯୋଗୁ ପାହାଡ଼ର ମାଟିସବୁ ଧସିବାରେ ଲାଗିଛି । ଏହି ରାସ୍ତା କଡ଼ରେ ୩ ଫୁଟ ଉଚ୍ଚର ଗାର୍ଡ ୱାଲ ନିର୍ମାଣ ଯୋଗୁ ଶେଫାଳି ପାହାଡ଼ ନିର୍ମାଣାଧୀନ ରାସ୍ତା ବର୍ଷାରେ ବୋହିଯାଉଛି। ୱାଲ ନଷ୍ଟ ହୋଇ ମାଟି ଅତଡା ଖସୁଛି। ଏହି ରାସ୍ତାର ସ୍ଥାୟିତ୍ୱ ଦୃଷ୍ଟିରୁ ଶେଫାଳି ପାହାଡ଼ ରାସ୍ତାକୁ ହିଲ ମ୍ୟାନେଜମେଣ୍ଟ ପ୍ଲାନରେ କାର୍ଯ୍ୟ କରାଯାଉ ବୋଲି ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି। ୮ଫୁଟ ଗାର୍ଡ ୱାଲ ଓ ଉପର ଭାଗରେ ଜାଲି ଲଗାଇବା, ଚାରାରୋପଣ କରିବା ଭଳି ପଦକ୍ଷେପ ନେବାକୁ ସମାଜିକ କର୍ମୀ ଉମା ଦାସ ଦାବି କରିଛନ୍ତି।


ଭାଙ୍ଗିଥିବା ଗାଡ଼ ୱାଲ ଏବଂ ପାହାଡ଼ରୁ ଧସିଥିବା ମାଟି।

# ଅଲିମ୍ପିଆଡ୍ ପରୀକ୍ଷାର ପୁରସ୍କାର ବିତରଣ ଉତ୍ସବ



ପଦ୍ମପୁର,୧୭।୮ (ପ୍ରଶାନ୍ତ କର)

## ସର୍ବଦା ଗୁରୁଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ରାୟଗଡ଼ା ଜିଲା ପଦ୍ମପୁର ମୁକୁନ୍ଦ ବିହାରସ୍ଥିତ ଆଇଡିୟଲ ପବ୍ଲିକ ସ୍କୁଲ ପରିସରରେ ଇଣ୍ଡିଆନ ଟାଲେଣ୍ଟ ଅଲମ୍ପିଆଡ୍ ପରୀକ୍ଷାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରଘୁନନ୍ଦନ ସାହୁ ଏବଂ ସମ୍ମାନିତ ଅତିଥି ରୂପେ ପଦ୍ମପୁର ସରପଞ୍ଚ କଣ୍ଡାଗରି ପ୍ରକାଶ ଯୋଗ ଦେଇଥିଲେ। ଶ୍ରୀ ଗଣେଶଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଲମ୍ପିଆଡ୍ ପରୀକ୍ଷାରେ ଭାଗ ନେଇଥିବା ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଛାତ୍ର ବୈଭବ ସାହୁଙ୍କୁ ରାଜ୍ୟ ଟପ୍ପର ପୁରସ୍କାର ଏବଂ ୭ଶହ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଶ୍ରୀଲଭା ଶବର, ପ୍ରଜ୍ଞାସିନୀ ଗୌଡ଼, ସୁଶ୍ରୀ ସଞ୍ଚିତା ପଣ୍ଡା, ଖିରବ୍ଧିତନୟା ସାହୁ, ଦିବ୍ୟଶ୍ରୀ ନାୟକ, ଧନିମଣି ହେମ୍ବ୍ରମ ଓ ପି.ସିଦ୍ଧିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଅଂଶଗ୍ରହଣ କରିଥିବା ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ମିଳିଥିଲା। ପୁରସ୍କାର ବିତରଣ ଉତ୍ସବରେ ଅଭିଭାବକମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସାହୁ ସ୍କୁଲରେ ଭଲ ପାଠ ପଢା ହେଉଛି ଏହା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସରପଞ୍ଚ କଣ୍ଡାଗିରି ସର୍ବଦା ଗୁରୁଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ଜ୍ୟୋତି ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସେ ପିଲାଙ୍କ ମଧ୍ୟରେ ଏହି ପରୀକ୍ଷା ଆଠ ବର୍ଷ ଧରି ହୋଇଆସୁଛି ବୋଲି କହିଥିଲେ। ଏଓ ତ୍ରିପତି ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଅର୍ପିତା ପଣ୍ଡା, ମିତୁ ପାଢ଼ୀ, ସୋନାଲି ପଣ୍ଡା, ଶିକ୍ଷକ ଆଶିଷ ସାହୁ ଓ ସଞ୍ଜୟ ଶବର ସହଯୋଗ କରିଥିଲେ।

# ଭୂତ ଭୟରେ ହଷ୍ଟେଲ ଛାଡ଼ିଲେ ୬୪ ଛାତ୍ରୀ

ଗୋବିନ୍ଦପାଲି, ୧୭।୮(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡ଼ା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଥିବା ୫ ଛାତ୍ରୀ ଭୂତ ଭୟ ଯୋଗୁ ଅସୁସ୍ଥ ହୋଇପଡ଼ିଛନ୍ତି। ଏଥିସହ ୬୪ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତିରେ କୌଣସି କାରଣରୁ ଜଣେ ଛାତ୍ରୀ ହଷ୍ଟେଲ ପଛପଟକୁ ଯାଇଥିଲେ। ସେଠାରେ ହଠାତ୍ ଚମକିପଡି ଅଚେତ୍ ହୋଇଯାଇଥିଲେ। ତାଙ୍କ ପରେ ଅନ୍ୟ ୪ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ। ଏହି ଭୟ ଯୋଗୁ ହଷ୍ଟେଲରେ ଥିବା ୬୪ ଛାତ୍ରୀଙ୍କୁ ଅଧା କିଲୋମିଟର ଦୂରରେ ଥିବା ବଡବେଲ କମ୍ପ୍ଲେକ୍ସ ଛାତ୍ରୀନିବାସକୁ ସ୍ଥାନାନ୍ତର କରାଯାଇଛି। ଏପଟେ ହଷ୍ଟେଲ ଓ ସ୍କୁଲ କୋଠରିଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଛାତ୍ରୀମାନେ ବ୍ୟବହାର କରୁଥିବା ଡ୍ରେସ୍ ଏବଂ ଚପଲ ଛାଡି ଭୟରେ ପଳାଇଯାଇଛନ୍ତି। ଛାତ୍ରୀମାନଙ୍କ ମାନସିକ ସ୍ଥିତି ସୁଧାରିବା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରେ କରାଯାଇଥିବା ଓ ଆଶ୍ରମ ବିଦ୍ୟାଳୟରେ ପୂଜାପାଠ ପରେ ସେମାନଙ୍କୁ ପୂର୍ବରୁ ରହୁଥିବା ହଷ୍ଟେଲକୁ ଫେରାଇ ଅଣାଯିବ ବୋଲି ପରିଚାଳନା କମିଟି ସଦସ୍ୟ,ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ।

# ମେଧାବୀ ଛାତ୍ରୀ ଝରଣାଙ୍କୁ ପୁରସ୍କୃତ କଲେ ମନ୍ତ୍ରୀ

ପଦ୍ମପୁର,୧୭।୮ (ପ୍ରଶାନ୍ତ କର)

ଯୁକ୍ତ ୨ ବିଜ୍ଞାନରେ ସମଗ୍ର ରାୟଗଡ଼ା ଜିଲାରେ ଟପ୍ପର ହୋଇ ପଦ୍ମପୁର ଅଞ୍ଚଳ ପାଇଁ ଗୌରବ ଆଣିଥିବା ରାୟଗଡ଼ା ଜିଲା ପଦ୍ମପୁରର ମେଧାବୀ ଛାତ୍ରୀ ଝରଣା ସାହୁଙ୍କୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଜିଲାପାଳ ପାରୁଲ ପଟ୍ଟୱାରି ପୁରସ୍କୃତ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। ପଦ୍ମପୁର ବ୍ଲକ ଜୁମୁରୁଗୁଡା ଗ୍ରାମର ବାୟାପୁର ଗ୍ରାମର ରଘୁନାଥ ସାହୁଙ୍କ ଝିଅ ଝରଣା ଅତି ଗରିବ ପରିବାରର ହୋଇଥିବାରୁ ପାଠପଢା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସିଛନ୍ତି। ମାତ୍ର ସେ ନିଜ ଆଗ୍ରହ ଓ ନିଷ୍ଠା ଯୋଗୁ ପଛଘୁଞ୍ଚା ଦେଇନାହାନ୍ତି। ବାପା ରଘୁନାଥ କ୍ୟାନ୍ସରରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇପଡିବାରୁ ଝରଣା ପାଠ ପଢିବା ଆଶା ଛାଡି ଦେଇଥିଲେ। ମାତ୍ର ପଦ୍ମପୁରସ୍ଥିତ ତ୍ରିବେଣୀ ସାଇନ୍ସ କଲେଜ୍ ପ୍ରତିଷ୍ଠାତା ବିପିନ୍ ବିହାରୀ ଜେନା, ସଭାପତି ସ୍ୱାଗତ ଶେଖର ଜେନା ଓ ସମ୍ପାଦକ ସାଗରକାନ୍ତ ଜେନା ଏହା ଜାଣିବା ପରେ ଝରଣାଙ୍କୁ ସହଯୋଗ କରିଥିଲେ। ସେମାନଙ୍କ ତତ୍ତ୍ୱାବଧାନରେ ପାଠପଢି ଝରଣା ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସମଗ୍ର ରାୟଗଡ଼ା ଜିଲାରେ ଟପ୍ପର ହୋଇ ପଦ୍ମପୁର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ତେବେ ଶଯ୍ୟାଶାୟୀ ଥିବା ବାପା ରଘୁନାଥଙ୍କ ଗତ ୪ମାସ ହେଲା ମୃତ୍ୟୁ ହୋଇଯାଇଛି।



ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଝରଣାଙ୍କୁ ପୁରସ୍କୃତ କରୁଛନ୍ତି।

# ପରିବେଶ ସୁରକ୍ଷା ବାର୍ତ୍ତା ଦେଉଛି ଶସ୍ୟ ରାଖୀ

ରାୟଗଡ଼ା,୧୭।୮(ଭାଗ୍ୟଶ୍ରୀ ମିଶ୍ର)

ଦିନ କେଇଟା ପରେ ରାଖୀ ପୂର୍ଣ୍ଣିମା। ରାୟଗଡ଼ାରେ ପ୍ରାକୃତିକ ଦେଶୀ ମଞ୍ଜିରେ ନିର୍ମିତ ରାଖୀର ଏବେ ଚାହିଦା। ଏହି ରାଖୀ ବିଭିନ୍ନ ଦେଶୀ ମଞ୍ଜି, ବାଉଁଶରୁ ତିଆରି ହୋଇଛି। ଯାହାକି ପରିବେଶ ସୁରକ୍ଷା ବାର୍ତ୍ତା ଦେଉଛି। ମାଣ୍ଡିଆ, ମକା ମଞ୍ଜି, ମରିଚ ମଞ୍ଜି, ଲାଉ ମଞ୍ଜି, ଝୁଡୁଙ୍ଗ ମଞ୍ଜି, ଭେଣ୍ଡି ମଞ୍ଜି, ଦେଶୀ ଧାନ, ଚାଉଳ, ବାଜରା ଭଳି ଗୁରୁତ୍ୱପୂର୍ଣ୍ଣ ମଞ୍ଜି ଏବଂ ଶସ୍ୟରେ ରାକ୍ଷୀ ତିଆରି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ପରିବେଶ ସୁରକ୍ଷା ସହ ପରମ୍ପରା ପାଳନ କିପରି ହୋଇପାରିବ ତାହାକୁ ଚିନ୍ତା କରି ଯୁବଗୋଷ୍ଠୀ ଏହି ରାଖୀ ତିଆରି କରିଛନ୍ତି। ବଜାରରେ ମିଳୁଥିବା ରାଖୀଠାରୁ ଏହା ଭିନ୍ନ। ଏଥିରେ କୌଣସି କେମିକାଲ କିମ୍ବା ପ୍ଲାଷ୍ଟିକ ବ୍ୟବହାର କରାଯାଉ ନାହିଁ। ତେଣୁ ଏହା ପରିବେଶକୁ କ୍ଷତି କରେ ନାହିଁ। ଏହି ଇକୋ ଫ୍ରେଣ୍ଡଲି ରାକ୍ଷୀକୁ ଲୋକେ ବେଶ ପସନ୍ଦ କରୁଛନ୍ତି।

ଜେକେପୁରର ବଡ଼ ଚାନ୍ଦିଲି ଗ୍ରାମର ଯୁବତୀମାନେ ମା ସନ୍ତୋଷୀ ଜୁଏଲେରୀ ପ୍ରଡ୍ୟୁସର ଗ୍ରୁପ ଏହାକୁ ନିର୍ମାଣ କରୁଛନ୍ତି। ଏହି ଗୋଷ୍ଠୀରେ ୧୯ଜଣ ଅଛନ୍ତି। ଜେକେ କାଗଜ କଳର ସିଏସ୍ଆର୍ ଆକ୍ଟିଭିଟିର


ଇକୋ ଫେଣ୍ଡଲି ରାଖୀ।


ରାଖୀ କିଣିବାକୁ ଗ୍ରାହକଙ୍କ ଭିଡ଼।

ସ୍ୱର୍ଣ୍ଣ ସଂସ୍ଥା ପକ୍ଷରୁ ୪ ବର୍ଷ ପୂର୍ବେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକନୋଲୋଜି ପକ୍ଷରୁ ବାଉଁଶରେ ଅଳଙ୍କାର ତିଆରି ପାଇଁ ତାଲିମ ଦିଆଯାଇଛି। ଏବେ ରାଖୀ ତିଆରି କରି ସେମାନେ ଏଥିରୁ କିଛି ଟଙ୍କା ରୋଜଗାର କରୁଥିବା ପ୍ରଡ୍ୟୁସର ଗ୍ରୁପର ସଦସ୍ୟା ଗୁପ୍ତେଶ୍ୱରୀ ଅଦଂଗକା କହିଛନ୍ତି। ରାଖୀ ପରେ ଲୋକେ ଏହାକୁ ବାହାରେ ଫିଙ୍ଗିଲେ ମଧ୍ୟ ପରିବେଶ ନଷ୍ଟ ହେବ ନାହିଁ। ବରଂ ନୂଆ ଗଛ ସୃଷ୍ଟି ହେବ ବୋଲି ଏହି ଇକୋ ଫ୍ରେଣ୍ଡଲି ରାକ୍ଷୀ କରିଛୁ ବୋଲି କହିଛନ୍ତି ଗୁପ୍ତେଶ୍ୱରୀ କହିଛନ୍ତି। କେବଳ ରାୟଗଡ଼ାରେ ନୁହେଁ ବାହାରେ ମଧ୍ୟ ଆମ ରାଖୀର ଚାହିଦା ରହିଛି। ସୋନପୁର, ସମ୍ବଲପୁର, ବରଗଡ଼, ଭୁବନେଶ୍ୱର, ନୟାଗଡ଼, ଫୁଲବାଣୀ, ଭବାନୀପାଟଣା, ଅନୁଗୁଳ, ବୌଦ୍ଧରୁ ଅନ୍‌ଲାଇନରେ ଅର୍ଡର ଆସୁଛି। ଚଳିତ ଥର ୧୦୦୦ରୁ ଉର୍ଦ୍ଧ୍ୱ ରାଖୀ ବିକ୍ରି କରି ପ୍ରାୟ ୨୪ହଜାର ପାଇଛୁ ବୋଲି ସେ କହିଛନ୍ତି। ରଖୀ ୨୦ରୁ ୫୦ ଟଙ୍କାରେ ମିଳୁ ଥିବାରୁ ଲୋକେ ତାହାକୁ କିଣିବାକୁ ଇଚ୍ଛା କରୁଛନ୍ତି। କୌଣସି ପର୍ବ ପର୍ବାଣି ଆସିଲେ ଷ୍ଟଲ ଲଗାଇ ବିକିବାର ସୁଯୋଗ ମିଳୁଛି। ଅନ୍ୟ ସବୁ ସମୟରେ ବଜାରୀ ସୁବିଧା କଲେ ଆଗ୍ରହ ବଢିବା ସହ ଅଧିକ ବ୍ୟବସାୟ ହେବ ବୋଲି କସ୍ମିତା ପେଦେଣ୍ଟି କହିଛନ୍ତି। ପ୍ରତ୍ୟେକ ଭଉଣୀ ପ୍ରତି ବର୍ଷ କିଛି ନୂଆ ରାଖୀ ଭାଇ ହାତରେ ବାନ୍ଧିବାକୁ ଚାହେଁ। ଚଳିତ ବର୍ଷ ଏହି ହାତ ତିଆରି ପରିବେଶ ଅନୁକୂଳ ରଖୀ କିଣିଛି ବୋଲି ଗ୍ରାହକ ସାଗରିକା ବେହେରା କହିଛନ୍ତି।

## ୮ ଫୁଟ ଲମ୍ବର ଅଜଗର ଉଦ୍ଧାର



କୋରୁକୋଣ୍ଡା,୧୭।୮ (ଶିବଦତ୍ତ ସାହୁ)

ବାଲିମେଳା ସହରର ୯ ନଂ. ୱାର୍ଡସ୍ଥିତ ଧନପୁରିଆ ସାହିରୁ ଶନିବାର ଏକ ୮ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ଏହି ଅଜଗରଟି ଧନପୁରିଆ ସାହିର ଜଣେ ବ୍ୟକ୍ତିଙ୍କ ଘରେ ଥିବା ବେଳେ କେଉଁଆଡ଼େ ଯାଇ ପାରୁନଥିଲା। ଘରଲୋକେ ସାପଟିକୁ ଦେଖିବା ପରେ ସଙ୍ଗେ ସଙ୍ଗେ ସ୍ନେକ କ୍ୟାଚର ରାଜେନ୍ଦ୍ର ଖରାଙ୍କୁ ଫୋନ ଯୋଗେ ଡକାଇଥିଲେ। ରାଜେନ୍ଦ୍ର ଅଜଗରଟିକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିଲେ।

# ମାଲକାନଗିରିରେ ଡାକ୍ତରଙ୍କ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

### କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟାର ପ୍ରତିବାଦ

ମାଲକାନଗିରି, ୧୭।୮ (ଦୁର୍ଯ୍ୟୋଧନ ପାତ୍ର)

କୋଲକାତା ମେଡିକାଲ କଲେଜର ଜଣେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ପରେ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ଡାକ୍ତରୀ ଛାତ୍ରୀଛାତ୍ରୀ ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହାର ପ୍ରଭାବ ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଏହାର ପ୍ରତିବାଦ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଠୋର ଦଣ୍ଡ ଦେବାପାଇଁ ଦାବି କରିଛନ୍ତି। ଏଥିସହ ସମ୍ପୃକ୍ତ ମୃତ ଛାତ୍ରୀଙ୍କ ପରିବାରଙ୍କୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ସାରା ରାଜ୍ୟରେ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି। ଶନିବାର ଜିଲାର ସମସ୍ତ ଡାକ୍ତର କଳାବ୍ୟାଚ ପିନ୍ଧି ପ୍ରତିବାଦ କରିଥିବା ବେଳେ ପଶ୍ଚିମବଙ୍ଗ ସରକାର ତୁରନ୍ତ ପଦକ୍ଷେପ ନେଇ ନ୍ୟାୟ ପ୍ରଦାନ ନ କଲେ ଆଗାମୀ ଦିନରେ ସାରା ଦେଶର ଡାକ୍ତରମାନେ ରୋଗୀ ସେବା ବନ୍ଦ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।




କଳାବ୍ୟାଜ୍ ପିନ୍ଧି ଡାକ୍ତରମାନେ ପ୍ରତିବାଦ କରୁଛନ୍ତି।

## ଭୂତ ଭୟରେ କଦମ୍ବଗୁଡା ହଷ୍ଟେଲ ଛାଡ଼ିଲେ ୬୪ ଛାତ୍ରୀ

ଗୋବିନ୍ଦପାଲି, ୧୭।୮ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଥିବା ୫ ଛାତ୍ରୀ ଭୂତ ଭୟ ଯୋଗୁ ଅସୁସ୍ଥ ହୋଇପଡିଛନ୍ତି। ଏଥିସହ ୬୪ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତିରେ କୌଣସି କାରଣରୁ ଜଣେ ଛାତ୍ରୀ ହଷ୍ଟେଲ ପଛପଟକୁ ଯାଇଥିଲେ। ସେଠାରେ ହଠାତ୍ ଚମକିପଡି ଅଚେତ୍ ହୋଇଯାଇଥିଲେ। ତାଙ୍କ ପରେ ଅନ୍ୟ ୪ ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ। ଏହି ଭୟ ଯୋଗୁ ହଷ୍ଟେଲରେ ଥିବା ୬୪ ଛାତ୍ରୀଙ୍କୁ ଅଧା କିଲୋମିଟର ଦୂରରେ ଥିବା ବଡବେଲ କମ୍ପ୍ଲେକ୍ସ ନାମକ ଏକ ଛାତ୍ରୀ ନିବାସକୁ ସ୍ଥାନାନ୍ତର କରାଯାଇଛି। ଏପଟେ ହଷ୍ଟେଲ ଓ ସ୍କୁଲ କୋଠରିଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଛାତ୍ରୀମାନେ ବ୍ୟବହାର କରୁଥିବା ଡ୍ରେସ୍ ଏବଂ ଚପଲ ଛାଡି ଭୟରେ ପଳାଇ ଯାଇଛନ୍ତି। ଛାତ୍ରୀମାନଙ୍କ ମାନସିକ ସ୍ଥିତିକୁ ସୁଧାରିବା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଓ ଆଶ୍ରମ ବିଦ୍ୟାଳୟରେ ପୂଜା ପାଠ ପରେ ସେମାନଙ୍କୁ ପୂର୍ବ ହଷ୍ଟେଲକୁ ଫେରାଇ ଅଣାଯିବ ବୋଲି ପରିଚାଳନା କମିଟି ସଦସ୍ୟ,ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

## ଜିଲା ସଦରରୁ କାର ଚୋରି ଅଭିଯୋଗ

ମାଲକାନଗିରି,୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜୟପୁରିଆଗୁଡା ସାହିରୁ ଶନିବାର ଏକ କାର ଚୋରି ହେବା ହୋଇଛି। ତେବେ ଏହି ସାହିର ଅନେକ ପରିବାର ରହୁଥିବା ବେଳେ ଏହା ଜନଗହଳି ପୂର୍ଣ୍ଣ ରହିଥାଏ। ଲୋକେ ଶୋଇଯିବା ପରେ ଦୁର୍ବୃତ୍ତମାନେ ଏହି କାରର କାଚ ଭାଙ୍ଗି ଚୋରି କରି ନେଇଯାଇଥିବା ଜଣାପଡିଛି। କାର ନଂ ଓଡି ୦୨ ଏଆର ୬୮୪୬ ର ମାଲିକ ଭୁବନେଶ୍ୱରର ଅଚନ୍ତି। ସେ ସୁନାବେଡ଼ାର ଏକ ମଧ୍ୟସ୍ଥ ମନୋଜ ଖିଲଙ୍କ ମାଧ୍ୟମରେ ମାଲକାନଗିରି ଜିଲାର ବିକାଶ କୁମାର ଦଣ୍ଡସେନାଙ୍କ ପାଖରେ କାରଟି ବନ୍ଧକ ଆକାରରେ ରଖିଥିଲେ। ଜୟପୁରିଆଗୁଡାସ୍ଥିତ ବିକାଶ କୁମାର ଦଣ୍ଡସେନାଙ୍କ ହେପାଜତରେ ଏହି ଗାଡି ଥିଲା ବେଳେ କାରଟି ଚୋରି ହେବା ଜାଣିବା ମାତ୍ରେ ବିକାଶ ଏନେଇ ମାଲକାନଗିରି ଆଦର୍ଶ ଟାଉନ ଥାନାରେ ଏତଲା ଦେଇଛନ୍ତି।

# ନ୍ୟାୟ ଦାବିରେ ପ୍ରତିବାଦକଲେ ଗଣମାଧ୍ୟମ ପ୍ରତିନିଧି

ମାଲକାନଗିରି, ୧୭।୮ (ଦୁର୍ଯ୍ୟୋଧନ ପାତ୍ର)

### ଛତିଶଗଡ଼ର ୪ ଖବରଦାତାଙ୍କ ଗିରଫକୁ ବିରୋଧ

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଚିଡ୍ତୋର ପୋଲିସ ଛତିଶଗଡ଼ ସୁକ୍ମା ଜିଲାର ୪ ଜଣ ଖବରଦାତାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିବା ପ୍ରତିବାଦରେ ଶନିବାର ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡ଼ର ୫ ଶହରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଛତିଶଗଡ ସକ୍ମା ଜିଲା କୋଣ୍ଟାଠାରେ ଏକାଠି ହୋଇ ଏହାର ପ୍ରତିବାଦ କରଛନ୍ତି। ତୁରନ୍ତ ଗିରଫ ୪ ଜଣ ଖବରଦାତାଙ୍କୁ ବିନା ସର୍ତ୍ତରେ ଖଲାସ କରିବା ପାଇଁ ମିଳିତ ବୈଠକରେ ଦାବି କରାଯାଇଛି।

ଅଗଷ୍ଟ ୯ ରେ ଛତିଶଗଡ଼ ସୁକ୍ମା ଜିଲାର ଖବରଦାତା ବାପି ରାୟ, ଧର୍ମେନ୍ଦ୍ର ସିଂ, ମନୀଷ ସିଂ, ଈଶୁ ତ୍ରିବେଦୀ ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ କୌଣସି ଖଣିଜ ପଦାର୍ଥ ଚୋରା ଚାଲାଣ ହେଉଥିବା ଖବର ସଂଗ୍ରହ ପାଇଁ କୋଣ୍ଟା ଗ୍ରାମକୁ ଯାଇଥିଲେ। ସେଠାରେ କୋଣ୍ଟା ପୋଲିସ ଗଣମାଧ୍ୟମ ପ୍ରତିନିଧିଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯେତିକି ସମୟ ଯାଞ୍ଚକଲେ ତାହାର ସିସିଟିଭି ଫୁଟେଜ୍‌ର ସମସ୍ତ ତଥ୍ୟ ଥିବା ବେଳେ ଏମାନଙ୍କ ଗାଡିରେ କୌଣସି ମାଦକଦ୍ରବ୍ୟ ନ ଥିବା ଦେଖିବାକୁ ପାଇଲା ପରେ ଏମାନଙ୍କୁ ଛାଡି ଦେଇଥିଲେ। ପରବର୍ତ୍ତୀ ସମୟରେ ଛତିଶଗଡ କୋଣ୍ଟାରୁ ମାତ୍ର ୬ କି.ମି.ଦୂରରେ ଥିବା ଆନ୍ଧ୍ରପ୍ରଦେଶ ଚିଡ୍ତୋର ପୋଲିସ ଉକ୍ତ ଗାଡିକୁ ଅଟକାଇବା ସହ ଖବରଦାତାମାନଙ୍କୁ ଥାନାରେ ଅଟକ ରଖିଥିଲେ।

ଗାଡିରେ ୪୦ କେଜି ଗଞ୍ଜେଇ ଥିବା ଦର୍ଶାଇ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏହାର ପ୍ରତିବାଦ କରି ଛତିଶଗଡର ଖବରଦାତାମାନେ କୋଟା ଥାନା ଦାୟିତ୍ୱରେ ଥିବା ପୋଲିସଙ୍କ କାର୍ଯ୍ୟ କଳାପକୁ ସନ୍ଦେହ କଲା ପରେ ଆନ୍ଧ୍ରପ୍ରଦେଶ ଚିତୋର ଥାନା ଅଧିକାରୀ ଛତିଶଗଡ କୋଣ୍ଟା ଆସି ସିସି ଟିଭି ଫୁଟେଜ ସଂଗ୍ରହ କରିଥିଲେ। ପରେ ଛତିଶଗଡ ପୋଲିସ ପଦାଧିକାରୀ ଚିତୋର ଥାନା ଘଟଣାର ତଦନ୍ତ କଲା ପରେ ସମ୍ପୃକ୍ତ ପିଆଇଙ୍କୁ ନିଲମ୍ବିତ କରିବା ସହ ତାଙ୍କ ବିରୋଧରେ ମକଦମା ରୁଜୁକରି କୋର୍ଟଚାଲାଣ କରିଛନ୍ତି।

ଆନ୍ଧ୍ର ଚିଡ୍ତୋର ଥାନା ପୋଲିସ ଖବରଦାତାମାନଙ୍କ ଦାବିକୁ ବିଚାରକରି ୩ ଦିନ ଭିତରେ ଏହି ମାମଲାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୩ ଦିନ ବିତିଥିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ମିଳିବାରୁ ଶନିବାର ଗଣମାଧ୍ୟମ ପ୍ରତିନିଧି କୋଣ୍ଟାଠାରେ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିବା ସହ ଏକ ବିଶାଳ ରାଲିରେ କୋଣ୍ଟା ସବ ଡିଭିଜନାଲ ମାଜିଷ୍ଟ୍ରେଟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ୪ ଜଣଙ୍କୁ ବିନା ସର୍ତ୍ତରେ ଖଲାସ କରା ନ ଗଲେ ଆଗାମୀ ଦିନରେ ସର୍ବ ଭାରତୀୟସ୍ତରରେ ସବୁ ରାଜ୍ୟର ଖବରଦାତା ଏହାର ବିରୋଧକରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ମାଲକାନଗିରି ଜିଲାର ୫୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିବା ବେଳେ ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ନିଜ ନିଜର ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମିଶ୍ର, ଏ. ଈଶ୍ୱର ରାଓ, ଶିବ କୀର୍ତ୍ତନିଆ ଓ ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତାଙ୍କ ଗିରଫ ପ୍ରତିବାଦରେ ଆୟୋଜିତ ବୈଠକରେ ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷାକଲେ ଏମ୍‌ପି



ବୈଠକରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟ ଅଧିକାରୀମାନେ ବୈଠକରେ ସମୀକ୍ଷା କରୁଛନ୍ତି।

କୋରୁକୋଣ୍ଡା,୧୭।୮ (ଶିବଦତ୍ତ ସାହୁ)

### କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ବ୍ଲକରେ ହେଉଥିବା ଭିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ବିଡିଓ ସୁଜିତ କୁମାର ମିଶ୍ର, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା,ସିଡିପିଓ ବିଜୟଲକ୍ଷ୍ମୀ ସିବାସୁନ୍ଦର,ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କ ସମେତ ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ,କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ସହ ଅବକାରୀ,ଅଗ୍ନିଶମ,ବନ,ପୂର୍ତ୍ତ, କୃଷି,ବ୍ୟାଙ୍କ,ଯୋଗାଣ ବିଭାଗ, ମିଶନ ଶକ୍ତି,ମୃର୍ତ୍ତିକା ସଂରକ୍ଷଣ,ଜଳ ଯୋଗାଣ ଓ ପରିମଳବିଭାଗ,ରାସ୍ତା ଓ ଗୃହ ନିର୍ମାଣ,ରୁରାଲ ହାଉସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ବିଭିନ୍ନ ଯୋଜନାରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟଗୁଡିକୁ ଶୀଘ୍ର ତ୍ୱରାନ୍ୱିତ କରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ।

## ବିଧାୟକ ପ୍ରତିନିଧି ହେଲେ ବିନାୟକ ପାତ୍ର

କୋରୁକୋଣ୍ଡା, ୧୭।୮ (ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ପାଇଁ ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଭାବେ ବିନାୟକ ପାତ୍ର ଶୁକ୍ରବାର ନିଯୁକ୍ତ ହୋଇଛନ୍ତି। କୋରୁକୋଣ୍ଡା ବ୍ଲକରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିଜର ଚିଠି ମାଧ୍ୟମରେ ଜଣାଇଛନ୍ତି। ବିନାୟକ କଂଗ୍ରେସରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରି ଆସୁଛନ୍ତି। ବିନାୟକ ପ୍ରତିନିଧି ହେବା ପରେ କୋରୁକୋଣ୍ଡା ବ୍ଲକ ତଥା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ବିଧାୟକଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି କହିଛନ୍ତି।



ପ୍ରତିନିଧି ନିଯୁକ୍ତ ହେବା ପରେ ବିଡିଓଙ୍କୁ ଚିଠି ଦ୍ୱାରା ଅବଗତ କରାଯାଉଛି।

## ତ୍ରିରଙ୍ଗା ଯାତ୍ରା: ପଟ୍ଟାଙ୍ଗି ବ୍ଲକ୍ କୋରାପୁଟ ଜିଲାରେ ପ୍ରଥମ

ପଟ୍ଟାଙ୍ଗି,୧୭।୮ (ଶରତ ଧଳ)

ସ୍ୱାଧୀନତା ଦିବସ ପୂର୍ବରୁ ସାରା ଦେଶରେ ଆରମ୍ଭ ହୋଇଥିଲା ତ୍ରିରଙ୍ଗା ଯାତ୍ରା। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ ବ୍ଲକ୍ ଗଣଶିକ୍ଷା ମନ୍ତ୍ରୀ ଏବଂ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ସ୍ୱାଧୀନତା ଦିବସ ଅବସରରେ ବିଡିଓ ସୁକାନ୍ତ ପଟ୍ଟନାୟକ ମନ୍ତ୍ରୀ ଓ ଜିଲାପାଳଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ସ୍ୱାଧୀନତା ଦିବସ ପୂର୍ବରୁ ବିଡିଓ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ସଦର ମହକୁମାରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ,ସମସ୍ତ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଗତ ୧୩ ତାରିଖରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁଣି ୧୪ ତାରିଖରେ ତ୍ରିରଙ୍ଗା ପତାକାକୁ ନେଇ ମୋଟର ସାଇକେଲ ଶୋଭାଯାତ୍ରା ବିଡିଓ ପଟ୍ଟନାୟକଙ୍କ ଲିଖିତ ବିଭିନ୍ନ ବାର୍ତ୍ତାକୁ ପ୍ରଚାରକରି ବ୍ଲକ ପରିକ୍ରମା କରିଥିଲା। ବ୍ଲକ୍‌ର ସୀମାନ୍ତ କୋଟିଆ ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ବ୍ଲକ୍ କାର୍ଯ୍ୟାଳୟ କର୍ମଚାରୀ ପଞ୍ଚାୟତର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଓମାଳି ପର୍ବତ ଶିଖରରେ ପହଞ୍ଚି ପତାକା ଉତ୍ତୋଳନ କରିଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିମନ୍ତ୍ରଣ ପାଇ ବିଡିଓ ପଟ୍ଟନାୟକ ଜିଲା ମୁଖ୍ୟାଳୟରେ ପହଞ୍ଚି ସ୍ୱାଧୀନତା ଦିବସ ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ବ୍ଲକ୍ ପାଇଁ ସମ୍ମାନପତ୍ର ସହ ଟ୍ରଫି ଗ୍ରହଣକରି ସମ୍ମାନିତ ହୋଇଥିଲେ। ଏହି ସମୟରେ ମନ୍ତ୍ରୀ ବିଡିଓ ପଟ୍ଟନାୟକଙ୍କ କାର୍ଯ୍ୟ ଓ ପଦକ୍ଷେପକୁ ପ୍ରଶଂସାକରି ଜିଲାର ଅନ୍ୟ ବ୍ଲକ୍‌ଗୁଡିକ ମଧ୍ୟ ଏପରି କାର୍ଯ୍ୟ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନ ଗ୍ରହଣ କରି ଫେରିବା ପରେ ଶନିବାର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲାରେ ବ୍ଲକ୍ ପ୍ରଥମ ସ୍ଥାନରେ ଅଧିକାରକରି ପୁରସ୍କୃତ ହୋଇଥିବାରୁ ଏହାର ଶ୍ରେୟ କର୍ମଚାରୀ ଓ ଜନସାଧାରଣଙ୍କର ବୋଲି ସେ କହିଥିଲେ। ସବୁ କ୍ଷେତ୍ରରେ ଜନସାଧାରଣ ଓ କର୍ମଚାରୀଙ୍କ ଏପରି ସହଯୋଗ ରହିଲେ ପଟ୍ଟାଙ୍ଗି ବ୍ଲକ୍ ସବୁ କ୍ଷେତ୍ରରେ ଜିଲାରେ ପ୍ରଥମ ସ୍ଥାନ ପାଇବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

## ଆଇଏମ୍‌ଏ ଜିଲା ଶାଖା ପକ୍ଷରୁ ଜିଲା ପ୍ରଶାସନକୁ ଦାବିପତ୍ର

କୋରାପୁଟ,୧୭।୮ (ଅମିତାଭ ବେହେରା)

କଲିକତାସ୍ଥିତ ଆରଜି କର ଚିକିତ୍ସାଳୟରେ ମହିଳା ଡାକ୍ତରଙ୍କୁ ହତ୍ୟା କରାଯିବା ଘଟଣାର ନ୍ୟାୟ ପ୍ରଦାନ ସହ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷା ଦାବିରେ ଶନିବାର ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍‌ଏ) କୋରାପୁଟ ଜିଲା ଶାଖା ପକ୍ଷରୁ ସମସ୍ତ ଡାକ୍ତର କଳା ବ୍ୟାଜ୍ ପିନ୍ଧି ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦେଇଛନ୍ତି। ଆଇଏମ୍‌ଏ ଜିଲା ଶାଖା ସମ୍ପାଦକ ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଜିଲାର ସମସ୍ତ ପିଏଚସି ଓ ସିଏଚସିର ମୁଖ୍ୟ ଡାକ୍ତରମାନେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତରେ ଉପ ଜିଲାପାଳ ବେଣୁଧର ଶାବରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନ୍ୟାୟ ମିଳିବା ପର୍ଯ୍ୟନ୍ତ ସମସ୍ତ ଡାକ୍ତର କଳାବ୍ୟାଜ୍ ପରିଧାନ କରି ପ୍ରତୀକ ଧର୍ମଘଟ ଚଳାଇବେ ବୋଲି ଡାକ୍ତରମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଡାକ୍ତର ମୋନାଲିସା ନାୟକ, ଡା. ଶିବସାଇ ସ୍ୱରୂପ, ଡାକ୍ତର ଦିପ୍ତିକାନ୍ତ ନାୟକ, ଡାକ୍ତର ସଞ୍ଜୀବ ବେହେରା, ଡାକ୍ତର ବିଶ୍ୱଜିତ ଭୂୟାଁ, ଡାକ୍ତର ସୋମନାଥ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଡାକ୍ତରଙ୍କ ଆନ୍ଦୋଳନ

ନବରଙ୍ଗପୁର/ ଉମରକୋଟ, ୧୭।୮ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)

କୋଲକାତାରେ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ସର୍ବଭାରତୀୟ ଡାକ୍ତର ସଂଘ ଆହ୍ୱାନକ୍ରମେ ଦିନିକିଆ ଧର୍ମଘଟ କରାଯାଇଛି। ନବରଙ୍ଗପୁର ଜିଲାର ଡାକ୍ତରମାନେ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଡାକ୍ତରମାନେ ପ୍ରତିବାଦ କରି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ନ୍ୟାୟ ଦାବି କରିଛନ୍ତି।




ଉମରକୋଟରେ ଡାକ୍ତରଙ୍କ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ନବରଙ୍ଗପୁରରେ କେବଳ ଜରୁରୀ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ ବନ୍ଦ ରହିଥିଲା। ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷା ଦୃଷ୍ଟିରୁ ମେଡ଼ିକାଲକୁ ଏକ ସେଫ୍ଟି ଜୋନ ଘୋଷଣା ଦାବି କରାଯାଇଛି। ଡାକ୍ତରମାନଙ୍କ ସୁରକ୍ଷା ପାଇଁ କଡ଼ା ଆଇନ ଆଣିବାକୁ ଦାବି ହୋଇଛି। ନବରଙ୍ଗପୁର ଦଶହରା ପଡ଼ିଆରରୁ ଭଣ୍ଡାର ଘରଣୀ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡଲ ଶୋଭଯାତ୍ରା ବାହାରିଥିଲା। ଶୋଭଯାତ୍ରାରେ ସିଡିଏମ୍‌ଓ ମଳୟ ରଞ୍ଜନ ତ୍ରିପାଠୀ, ଦେବବ୍ରତ ଡାକୁଆଙ୍କ ସମେତ ଅନ୍ୟ ଡାକ୍ତର ଆଇନଜୀବୀ ଓ ମହିଳାମାନେ ସାମିଲ ଥିଲେ।



ନବରଙ୍ଗପୁର ଡାକ୍ତରଙ୍କ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଉମରକୋଟରେ ମଧ୍ୟ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏଥିରେ ଉମରକୋଟ ସହ ରାଇଘର, ଝରିଗାଁ, ଡାବୁଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ ସମସ୍ତ ଡାକ୍ତର ସାମିଲ ହୋଇଥିଲେ। ମେଡିକାଲ ପରିସରରେ ଏକ ସଭା କରାଯାଇଥିଲା। କେନ୍ଦ୍ରୀୟ ସୁରକ୍ଷା ଆକ୍ଟ ଲାଗୁ କରିବା, ସମସ୍ତ ହସ୍ପିଟାଲକୁ ନିରାପଦ ଜୋନ ଘୋଷଣା, କଲିକତାରେ ଘଟିଥିବା ଦୁର୍ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ, ମହିଳା ଡାକ୍ତରଙ୍କୁ ସୁରକ୍ଷା ଆଦି ଦାବି କରାଯାଇଛି। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା, ମେଡିକାଲ ଅଫିସର ଶରତ ଚନ୍ଦ୍ର ସେଠୀ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସୁମନ୍ତ ରାଉଳ, ଡାକ୍ତର ସବ୍ୟସାଚୀ ଦାସ, ଦଶରଥ ନାଗ, ତନୁଜା ବିଶ୍ୱାସ, ଶୁଭଶ୍ରୀ ମଲ୍ଲିକ, ମୀରା ଖଟୁଆଙ୍କ ସମେତ ୪୦ ଜଣ ଡାକ୍ତର ସାମିଲ ହୋଇଥିଲେ।

